# Akashvani, Sambalpur

## SAMBALPURI NEWS BULLETIN

### 24 December 2024- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ-ମୁଖ୍ୟମନ୍ତ୍ରୀ       ପି.ଆଇ.ବି.

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ନୂଆଦିଲ୍ଲୀ ଠାନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିକରି ଜାନୁଆରୀ ମାସେ ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ଦିବସ୍ ଆର୍ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ଥି ଯୋଗ୍ ଦେବାର୍‌କେ ନିଉତା ଦେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚ୍‌ନା ଦେଇଛନ୍ । ସାଧାରଣ ଜନତା ଆର୍ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଉପସ୍ଥିତି ପ୍ରବାସୀ ଭାରତୀୟ ଦିବସ୍‌କେ ଆହୁରି ଭବ୍ୟ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଶ୍ୱନାଥ କର ପ୍ରତିମୂର୍ତ୍ତି       ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ତର୍ଫୁ ବାଗ୍ମୀ ବିଶ୍ୱନାଥ କରଙ୍କର୍ ଗୁଟେ ପ୍ରତିମୂର୍ତି ବିଧାନ୍‌ସଭା ଗେଟ୍ ନମ୍ବର୍ ୧ ଆର୍ ୨ ଭିତ୍‌ରେ ଥାପ୍‌ନା କରାଯାଇଛେ । ଆଏଜ୍ ସଖାଲର୍ ସାଢ଼େ ୯ ବଜେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ - ବିଶ୍ୱନାଥ କରଙ୍କର୍ ପ୍ରତିମୂର୍ତି ଉନ୍ମୋଚନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ଧର୍ମେନ୍ଦ୍ର ପ୍ରଧାନ୍ - ପାରାଦ୍ୱୀପ ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପୂର୍ବୋଦୟ ମିଶନ୍‌ଥି ଓଡ଼ିଶାର୍ ଶିଳ୍ପ ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ଗଲାକାଏଲ୍ ପାରାଦ୍ୱୀପ୍ ପ୍ଲାଷ୍ଟିକ୍ ପାର୍କ ଠାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପ୍ଲାଷ୍ଟିକ୍ ବେଗ୍ ଉତ୍ପାଦନ୍ କାର୍‌ଖାନା ଉଦ୍‌ଘାଟନ୍ କରିଛନ୍ । ଇ କାର୍‌ଖାନା ମାସ୍‌କ ୫ ଶହ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ବେଗ୍ ଉତ୍ପାଦନ୍ କର୍‌ବା ଆର୍ ପ୍ଲାଷ୍ଟିକ୍ ବେଗ୍ ଉତ୍ପାଦନ୍ ଦିଗେ ଓଡ଼ିଶାକେ ଆତ୍ମନିର୍ଭର୍ କର୍‌ବା ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ପାଣିପାଗ୍ ବିଭାଗ୍‌ର ୧୫୦ ବର୍ଷ ପୂର୍ତି I&PR

ଭାରତ୍ ପାଣିପାଗ୍ ବିଭାଗ୍ର ଶହେ ୫୦ ବଛର୍ ପୂର୍ତି ଅବ୍ସରେ ଗଲାକାଏଲ୍ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଦିନ୍କିଆ ଉପଯୋଗ୍କର୍ତା କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିବାର୍ ବେଲେ ରାଜସ୍ୱ ଆର୍ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ ଆର୍ ଭାରତ୍ ପାଣିପାଗ୍ ବିଜ୍ଞାନ୍ ବିଭାଗ୍ ମହାନିର୍ଦ୍ଦେଶକ୍ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଯୋଗ୍ ଦେଇଥିଲେ । ଓଡ଼ିଶା ଗୁଟେ ନ ରାଜ୍ୟ ଯେନ ସବୁ ଜିଲ୍ଲା ନ ପର୍ଯ୍ୟବେକ୍ଷଣ୍ କେନ୍ଦ୍ର ରହିଛେ ଆର୍ ଇତାର୍ସହେତେ ଗୋପାଲ୍ପୁର୍ ଆର୍ ପାରାଦ୍ୱୀପ୍ ଠାନେ ୨ ଟା ରାଡ଼ାର୍ ରହିଛେ ଆଉ ରାଜ୍ୟକେ ଆଉ ୩ ଟା ରାଡ଼ାର୍ ଯୁଗେଇ ଦେବାର୍ ପ୍ରସ୍ତୁତି ଚାଲିଛେ ।

ଗ୍ରୀନ୍ ହାଇଡ୍ରୋଜେନ୍ ମୋବିଲିଟି ପ୍ରକଳ୍ପ  ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଗ୍ରୀନ୍ ହାଇଡ୍ରୋଜେନ୍ ମୋବିଲିଟି ପ୍ରକଳ୍ପ ଶୁଭାରମ୍ଭ ଲାଗି ରାଜ୍ୟ ସର୍କାର୍ ଗୁଟେ  ତ୍ରିପାକ୍ଷିକ ବୁଝାମଣା ପତ୍ର

ସ୍ୱାକ୍ଷରିତ୍ କରିଛନ୍ । ସର୍‌କାର୍‌ଙ୍କର୍ ଗୃହ ନିର୍ମାଣ୍ ଆର୍ ନଗର୍ ଉନ୍ନୟନ୍ ବିଭାଗ୍ ଅଧୀନ୍‌ଥି ଥିବା ଆଂଚଲିକ୍ ସହରାଂଚଲ୍ ପରିବହନ୍, ଶକ୍ତି ବିଭାଗ୍‌ର ଗ୍ରୀଡ୍‌କୋ ଆର୍ ଏନ୍‌ଟିପିସି ଭିତ୍‌ରେ ଇ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ । ଉପମୁଖ୍ୟମନ୍ତ୍ରୀ, ଶକ୍ତିମନ୍ତ୍ରୀ କନକ୍‌ବର୍ଦ୍ଧନ୍ ସିଂହଦେଓ, ରାଜ୍ୟ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଉପସ୍ଥିତିଥି ଇ ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଥିଲା । ଆଏବା ୫ ବଛର୍ ଭିତ୍‌ରେ କାର୍ଯ୍ୟକାରୀ ହେବାର୍‌କେ ଥିବା ଇ ପ୍ରକଳ୍ପକେ ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍ ଅଧୀନ୍‌ଥି ନୂଆଁ ଆଉ ନବୀକରଣ୍ ଯୋଗ୍ୟ ପରିବହନ୍ କ୍ଷେତ୍ରଥି ଗ୍ରୀନ୍ ହାଇଡ୍ରୋଜେନ୍ ବେଭାର୍ ଲାଗି ଥିବା ପାଇଲଟ୍ ପ୍ରକଳ୍ପଥି କାର୍ଯ୍ୟକାରୀ କରାଯିବା ।

ଉପଭୋକ୍ତା ଦିବସ୍ I&PR

ଉପଭୋକ୍ତାମାନ୍‌କୁ ସେମାନ୍‌କର୍ ଅଧିକାର୍ ଆର୍ କର୍ତବ୍ୟ ବାବ୍‌ଦେ ସଚେତନ୍ କର୍‌ବାର୍ ଆର୍ ସେମାନ୍‌କର୍ ସ୍ୱାର୍ଥର୍ ସୁରକ୍ଷା ଲାଗି ଫି' ବଛର୍ ବାଗିର୍ ଆଏଜ୍ ଭିଲ୍ ଜାତୀୟ ଉପଭୋକ୍ତା ଦିବସ୍ ପାଲନ୍ କରାଯାଇଛେ । ଉପଭେକ୍ତାମାନ୍‌କୁ ସଚେତନ୍

କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ  ରାଜ୍ୟ ଆର୍ ଜିଲ୍ଲାସ୍ତରୀୟ ଭିନ୍ ଭିନ୍ କର୍ମଶାଳା ଆର୍ କାର୍ଯ୍ୟକ୍ରମ୍‌ମାନ୍ ହେବା । ଖାଉଟିଙ୍କର୍ ସ୍ୱାର୍ଥକେ ସୁରକ୍ଷିତ୍ ରଖିକରି ଖାଉଟି ସୁରକ୍ଷା ଆନ୍ଦୋଳନ୍‌କେ ଆଉର୍ ବର୍‌କସ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାକର୍ ବାର୍ତାଥି ସମ୍‌କିରର୍ ସହଯୋଗ୍ କାମନା କରିଛନ୍ ।

ଉତ୍କର୍ଷ ଓଡ଼ିଶା       I&PR

ଭୁବନେଶ୍ୱର୍ ଠାନେ ଜାନୁଆରୀ ୨୮ ଆର୍ ୨୯ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ କାର୍ଯ୍ୟକ୍ରମ୍ ଲାଗି ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ଭାରତ୍‌ର ବିକାଶ୍ ଇଞ୍ଜିନ୍ ହିସାବେ ଓଡ଼ିଶାର୍ ଯାତ୍ରାଥି ସାମିଲ୍ ହେବାର୍‌କେ ଇଥି ଆହ୍ୱାନ୍ କରାଯାଇଛେ । mio.investodisha.gov.in କେ ଯାଇକରି କନ୍‌କ୍ଲେଭ୍ ଲାଗି ଆଗ୍ରହୀ ମାନେ ପଞ୍ଜିକରଣ୍ କରିପାର୍‌ବେ ।

ଦିଲ୍ଲୀ ପରେଡ୍- ଏନ୍‌ସିସି କେଡେଟ୍       I&PR

ଆଏବା ଜାନୁଆରୀ ମାସେ ନୂଆଦିଲ୍ଲୀ ଠାନେ ହେବାର୍‌କେ ଥିବା ୭୬ ନମ୍ବର୍ ସାଧାରଣତନ୍ତ୍ର ଦିବସ୍ ପରେଡ୍‌ଥି ଓଡ଼ିଶା ନିର୍ଦ୍ଦେଶାଳୟର୍ ସମର ଶିକ୍ଷାର୍ଥୀ ବାହିନୀ- ଏନ୍‌ସିସି ଦଲ୍ ସାମିଲ୍ ହେବେ । ରାଜ୍ୟ ସର୍‌କାର୍‌ଙ୍କର୍ ସହଯୋଗ୍‌ଥି ଏନ୍‌ସିସି କେଡେଟ୍‌ମାନେ ବିମାନ୍ ଜରିଏ ନୂଆଦିଲ୍ଲୀ ଯିବେ । ଇ ବଛର୍ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟ ଜରିଏ ତାଲିମ୍ ଶିବିର ଆୟୋଜନ୍ କରାଯାଇକରି ଭିନ୍ ଭିନ୍ ଖେପେ ଶହେ ୧୭ ଝନ୍‌କୁ ଇଥି ଯୋଗ୍ ଦେବାର୍ ଲାଗି ବଛାଯାଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶା ଏନ୍‌ସିସି କେଡ଼େଟ୍‌ମାନେ ପହେଲାକରି ପେରେଡ୍‌ଥି ସାମିଲ୍ ହେବାର୍ ଲାଗି ଯାଉଛନ୍ ।

ସମ୍ବଲ୍‌ପୁରୀ ନାଟକ୍ ପ୍ରତିଯୋଗିତା ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍‌ଠାନୁ ୨୯ ତାରିଖ୍‌ତକ୍ ସମ୍ବଲ୍‌ପୁର୍ ଆରଣ୍ୟକ ମଂଚ ଠାନେ ୨୭ ନମ୍ବର୍ ରାଜ୍ୟସ୍ତରୀୟ ବୀର ସୁରେନ୍ଦ୍ର ସାଏ ସମ୍ବଲ୍‌ପୁରୀ ନାଟକ୍ ପ୍ରତିଯୋଗିତା ହେବାର୍‌କେ ଯାଉଛେ । ପ୍ରତିଯୋଗିତାଥି ସମ୍ବଲ୍‌ପୁର୍, ବର୍‌ଗଡ୍, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ଝାର୍‌ସୁଗୁଡ଼ା, କଲାହାଣ୍ଡି ଜିଲ୍ଲାର୍ ୧୫ ଟା ନାଟକ୍ ଦଲ୍ ଇଥି ଭାଗ୍ ନେବେ ।

ନୋ ଟିଟେନ୍‌ସନ୍ ପଲିସି ପରିବର୍ତ୍ତନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ସର୍‌କାର୍ ଶିକ୍ଷାର ମାନବୃଦ୍ଧି ଲାଗି ଶିକ୍ଷା ବିଭାଗ୍‌ର "ନୋ ଡିଟେନ୍‌ସନ୍ ପଲିସି"ଥି ଇ ପରିବର୍ତ୍ତନ୍ କରିଛନ୍ । ଇ ପଲିସି ଅନ୍‌ସାରେ ଏତ୍‌କର୍ ୫ ଆର୍ ୮ କ୍ଲାସ୍‌ଥି ଫେଲ୍ ହେଲେ ଛାତ୍ରଛାତ୍ରୀ ଆଉ ଉପର୍ ଶ୍ରେଣୀକେ ଯାଇ ନାଇଁପାରନ୍ । ୨ ମାସ୍ ଉତ୍‌ରୁ ଫେର୍‌ଥରେ ପରୀକ୍ଷା ହେବା, ସେଥି ଫେଲ୍ ହେଇଥିବା ଛାତ୍ରଛାତ୍ରୀ ପାସ୍ କଲେ ଉପର୍ ଶ୍ରେଣୀକେ ଯାଇପାର୍‌ବେ ବଲି ଗଲାକାଏଲ୍ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସଚିବ ସଞ୍ଜିବ୍ କୁମାର୍ ସୂଚ୍‌ନା ଦେଇଛନ୍ ।